# Akashvani, Sambalpur

## SAMBALPURI NEWS EVENING BULLETIN

## 9 May 2025- 7.02 pm- 7.12 pm.

*********************************************

୧- ଭାରତର୍ ଏକତା ଆଗାଡ଼େ ପାକିସ୍ତାନ୍‌ର ସାମ୍ପ୍ରଦାୟିକ ଥିତି ବନାବାର୍ ଚେରେଷ୍ଟା ବିଫଲ୍ ହେଇଛେ- କହେଲେ ବୈଦେଶିକ୍ ସଚିବ ।

୨- ରାଜ୍ୟର ଭିନ୍ ଭିନ୍ ସମ୍ବେଦନ୍‌ଶୀଲ୍ ଜାଗା ନ କଡ଼ାକଡ଼ି ହେଲା ସୁରକ୍ଷା ବ୍ୟବସ୍ଥା ।

- ଆଏଜ୍‌ଠାନୁ ହୀରାକୁଦ୍‌କେ ପର୍ଯ୍ୟଟକଙ୍କର୍ ପ୍ରବେଶ୍ ମନା ।

୩- ପ୍ରଧାନ୍‌ମନ୍ତ୍ରୀ ସୁରକ୍ଷା ବୀମା ଯୋଜ୍‌ନାକେ ଆଏଜ୍ ପୁର୍‌ଲା ୧୦ ବଛର୍ ।

ଆଉର୍

୪- ଇ ମାସର୍ ଶେଷ୍ ବେଲ୍‌କେ ଆଏବା ନୂଆଁ ଅବକାରୀ ନୀତି- ସୂଚ୍‌ନା ଦେଲେ ବିଭାଗୀୟ ମନ୍ତ୍ରୀ ।

ଅପରେସନ୍ ସିନ୍ଦୁର୍-ପ୍ରେସ୍ ମିଟ୍ ଏନ୍‌ଏସ୍‌ଡି

ଅପରେସନ୍ ସିନ୍ଦୁର୍‌କେ ନେଇକରି ଭାରତ୍ ଆଉ ପାକିସ୍ତାନ୍ ଭିତ୍‌ରେ ଲାଗି ରହିଥିବା ଉତେଜନା ବାବ୍‌ଦେ ପ୍ରତିରକ୍ଷା ମନ୍ତ୍ରଣାଳୟ ଆଉ ବାୟୁସେନା ତର୍‌ଫୁ ନୂଆଦିଲ୍ଲୀ ଠାନେ ଆଏଜ୍ ସାମ୍ବାଦିକ୍ ସମ୍ମିଳନୀ ହେଇଯାଇଛେ । ବୈଠକ୍‌ଥି ବୈଦେଶିକ ସଚିବ ବିକ୍ରମ୍ ମିଶ୍ରି , ବାୟୁସେନା ଅଧିକାରୀ କର୍ଣ୍ଣେଲ୍ ସୋଫିଆ କୁରେସି ଆର୍ ୱିଙ୍ଗ୍ କମାଣ୍ଡର୍ ବ୍ୟୁମିକା ସିଂ ଗଲା ୨ ଦିନ୍ ଧରିକରି ପାକିସ୍ତାନ୍ ତର୍‌ଫୁ କରାଯାଉଥିବା ଉତେଜନା ଥିତି ଆର୍ ଆକ୍ରମଣ୍ ବାବ୍‌ଦେ ସୂଚ୍‌ନା ଦେଇଛନ୍ ।

ପାକିସ୍ତାନ୍ ଗଲାରାତି ଭାରତୀୟ ସହର୍, ନାଗରିକ୍ ଆର୍ ସାମରିକ୍ ଭିତିଭୂମି ଉପ୍‌ରେ ଆକ୍ରମଣ୍ କର୍‌ବାର୍ ଉଦ୍ୟମ୍ କରିଥିଲା ବେଲ୍‌କେ ଭାରତୀୟ ସଶସ୍ତ୍ର ବାହିନୀ ତର୍‌ଫୁ ସେସବୁକେ ବିଫଲ୍ କରାଯାଇଛେ । ଭାରତୀୟ ସେନା ଦାୟିତ୍ୱପୂର୍ଣ୍ଣ ଭାବେ ସବୁ ଆକ୍ରମଣ୍‌ର ଜବାବ୍ ଦେଇଛେ ବଲି ଶ୍ରୀ ମିଶ୍ରି ସୂଚ୍‌ନା ଦେଇଛନ୍ । ଭୁଲ୍ ଆର୍ ଗୁଜବ୍ ପ୍ରଚାର୍ କରିକରି ପାକିସ୍ତାନ୍ ସାମ୍ପ୍ରଦାୟିକ ଥିତି ତିଆର୍ କର୍‌ବାର୍‌କେ ଚେରେଷ୍ଟା କରୁଛେ । ହେଲେ ଭାରତ୍‌ବାସୀଙ୍କର୍ ଏକତା ପାକିସ୍ତାନ୍ ଲାଗି ବଡ୍ ବାଧା ସାଜିଛେ ବଲି ଶ୍ରୀ ମିଶ୍ରି କହିଛନ୍ ।

ପାକିସ୍ତାନ୍ ସେନା ଗଲା ୭ ଆଉ ୮ ତାରିଖ୍ ରାତି ଭାରତୀୟ ସାମରିକ୍ ଭିତିଭୂମି ମାନ୍‌କେ ଆକ୍ରମଣ୍ କର୍‌ବାର୍ ଲାଗି ବାର୍‌ବାର୍ ଭାରତୀୟ ବାୟୁ ସୀମା ଉଲ୍ଲଂଘନ୍ କରିଛେ । ୩ ଶହ ନୁ ୪ ଶହ ଡ୍ରୋନ୍  ବେଭାର୍ କରିକରି ଭାରତ୍‌ର ୩୬ ଟା ଠାନ୍‌କେ ଅନୁପ୍ରବେଶ୍ ଲାଗି ଚେରେଷ୍ଟା କରିଥିବାର୍ କର୍ଣ୍ଣେଲ୍ ସୋଫିଆ କୁରେସି କହିଛନ୍ । ପାକିସ୍ତାନ୍ ତର୍‌ଫୁ ନିୟନ୍ତ୍ରଣ୍ ରେଖା ପାଖେ ସଶସ୍ତ୍ର ଡ୍ରୋନ୍ ବେଭାର୍ କରାଯାଇକରି ତୋପ୍ ଆକ୍ରମଣ୍ କରାଯାଇଛେ । ଭାରତ୍‌ର ପାଲ୍‌ଟା ଜବାବ୍‌ଥି ପାକିସ୍ତାନ୍ ସେନାର୍ ବହୁତ୍‌ଟେ ନୁକ୍‌ସାନ୍ ହେଇଛେ ବଲି କର୍ଣ୍ଣେଲ୍ କୁରେସି କହିଛନ୍ ।

(ଭଏସ୍ ଓଭର୍- କର୍ଣ୍ଣେଲ୍ କୁରେସି)

ପାକିସ୍ତାନ୍ ଭାରତ୍‌କେ ଆକ୍ରମଣ୍ କର୍‌ବାର୍ ଲାଗି ତୁର୍କିର୍ ଡ୍ରୋନ୍ ବେଭାର୍ କରୁଛେ ବଲି ପ୍ରାଥମିକ ତଦନ୍ତନୁ ଜନାପଡ଼ିଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ । ଏଛନିର୍ ଥିତିକେ ନଜର୍‌ଥି ରଖିକରି କର୍ତାର୍‌ପୁର୍ ସାହିବ୍ କରିଡର୍‌କେ ଆଏବା ଆଦେଶ୍‌ତକ୍ ବନ୍ଦ କରାଯାଇଛେ ।

ସେଆଡ଼େ ସବୁ ଟେରିଟୋରିଆଲ୍ ଆର୍ମି ଅଫିସର୍ ଆର୍ କର୍ମଚାରୀମାନ୍‌କୁ ଡ୍ୟୁଟିଥି ଡାକ୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ସ୍ଥଳସେନା ମୁଖ୍ୟଙ୍କୁ ଦାୟିତ୍ୱ ଦିଆଯାଇଛେ ।

ସିନ୍ଧୁ ଜଲ୍‌ଚୁକ୍ତି ଏନ୍‌ଏସ୍‌ଡି

ବିଶ୍ୱବେଙ୍କ୍ ସିନ୍ଧୁ ଜଲ୍‌ଚୁକ୍ତି କେ ନେଇକରି ଖାଲି ଗୁଟେ ମଧ୍ୟସ୍ଥି ପକ୍ଷ ଆଏ, ତାର୍ ଛଡ଼ା ଆଉ କିଛି ନାଇଁ କରିପାରେ ବଲି ବିଶ୍ୱ ବେଙ୍କ୍ ନିର୍ଦ୍ଦେଶକ୍ ଅଜୟ ବାଙ୍ଗା କହିଛନ୍ । ପେହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ୍ ଘଟ୍‌ନା ଉତ୍‌ରୁ ଭାରତ୍ ତର୍‌ଫୁ ସିନ୍ଧୁ ଜଲ୍‌ଚୁକ୍ତି ବାତିଲ୍ କରିଥିବାର୍‌ନୁ ବିଶ୍ୱ ବେଙ୍କ୍ ଇତାର୍ ସମାଧାନ୍ କର୍‌ବା ବଲି ଆଲୋଚନା ହେଉଥିଲା । ଇ ଆଲୋଚନାକେ ନେଇକରି ବିଶ୍ୱ ବେଙ୍କ୍ ନିର୍ଦ୍ଦେଶକ୍ ଆଏଜ୍ ସ୍ୱଷ୍ଟିକରଣ୍ ରଖିଛନ୍ । ସେଆଡ଼େ କେନ୍‌ସି ଦେଶ୍ ବିରୋଧିଥି ସାମରିକ୍ କାର୍ଯ୍ୟାନୁଷ୍ଠାନ୍ ନେବାର୍ ଲାଗି ଶ୍ରୀଲଙ୍କା କାହାକେ ଭିଲ୍ ତାର୍ ଆକାଶ୍‌ମାର୍ଗ ବେଭାର୍ କର୍‌ବାର୍‌କେ ନାଇଁ ଦିଏ ବଲି ଆଏଜ୍ ସ୍ୱଷ୍ଟ କରିଛେ । ଆତଙ୍କବାଦ୍ ବିରୋଧିଥି ଭାରତ୍‌ର କାର୍ଯ୍ୟାନୁଷ୍ଠାନ୍ ଆର୍ ତାର୍ ଉପ୍‌ରେ ପାକିସ୍ତାନ୍‌ର ପଦକ୍ଷେପ୍ ବାବ୍‌ଦେ ଆଏଜ୍ ଭିଲ୍ ବୈଦେଶିକ୍ ବ୍ୟାପାର୍ ମନ୍ତ୍ରୀ ଏସ୍. ଜୟଶଙ୍କର୍ ଭିନ୍ ଭିନ୍ ଦେଶ୍‌କେ ଜନେଇଛନ୍ ।

ଅପରେସନ୍ ସିନ୍ଦୁର ଆର୍‌ଏନ୍‌ୟୁ/ ସମ୍ବଲପୁର

ଅପରେସନ୍ ସିନ୍ଦୁର୍‌ର ଆଏବା ରଣନୀତି ତିଆର୍ କର୍‌ବାର୍ ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ଆଏଜ୍ ତିନ୍‌ହି ସେନାର୍ ମୁଖ୍ୟ ମାନ୍‌କର୍ ସଙ୍ଗେ ଆଲୋଚନା କରିଛନ୍ । ସେନାମୁଖ୍ୟମାନେ ପ୍ରତିରକ୍ଷାମନ୍ତ୍ରୀଙ୍କୁ ଭାରତ୍ ଉପ୍‌ରେ ପାକିସ୍ତାନ୍ କରୁଥିବା ଆକ୍ରମଣ୍‌କେ ନେଇକରି ଜନେଇଛନ୍ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କର୍ ଘରେ ଆଏଜ୍ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍‌ଙ୍କର୍ ସହେତେ ଗୁଇନ୍ଦା ମୁଖ୍ୟ, ବିଏସ୍‌ଏଫ୍ ଡିଜି ଆର୍ ସିଆଇଏସ୍‌ଏଫ୍ ଡିଜି ଯୋଗ୍ ଦେଇକରି ସୀମ୍‌ନା ଇଲାକାର୍ ଥିତି ଆର୍ ବିମାନ୍ ବନ୍ଦର୍ ମାନ୍‌କର୍ ସୁରକ୍ଷା ବାବ୍‌ଦେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଜନେଇଛନ୍ ।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ଭିଲ୍ ନିଜର୍ ବିଭାଗ୍‌ର ଅଧିକାରୀମାନ୍‌କର୍ ସାଙ୍ଗେ ସ୍ୱାସ୍ଥ୍ୟ ଭିତିଭୂମି ଆଉ ଜରୁରୀ ଥିତି ବେଲର୍ ତୟାରିକେ ନେଇକରି ସମୀକ୍ଷା କରିଛନ୍ ।

ଅପରେସନ୍ ସିନ୍ଦୁର-ସୁରକ୍ଷା ବ୍ୟବସ୍ଥା କଡ଼କାଡ଼ି

ଆର୍‌ଏନ୍‌ୟୁ/ ସମ୍ବଲପୁର

ଅପରେସନ୍ ସିନ୍ଦୁର୍‌କେ ନଜର୍‌ଥି ରଖିକରି ବାଲେଶ୍ୱର୍ ଜିଲ୍ଲା ଚାନ୍ଦିପୁର୍ କ୍ଷେପଣାସ୍ତ୍ର ଘାଟିର୍ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

କରାଯିବାର୍ ସହେତେ ଭାରତୀୟ ପ୍ରତିରକ୍ଷା ଗବେଷଣା ଆଉ ବିକାଶ୍ ସଂସ୍ଥା- ଡିଆରଡିଓ ତର୍ଫୁ ଆଏଜ୍ ଜରୁରୀ ବୈଠକ୍ ଡକାଯାଇଥିଲା ।

ରାଜ୍ଧାନୀ ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ହାଇ ଆଲର୍ଟ ଜାରି କରାଯାଇଛେ । ଯାତ୍ରୀମାନ୍‌କର୍ ସୁରକ୍ଷା ଲାଗି ବିମାନ୍ ବନ୍ଦର୍ ନ ଟିକ୍‌ନିକ୍ ଯାଂଚ୍ କରାଯାଉଛେ । ସେଆଡ଼େ ପାରାଦୀପ୍ ବନ୍ଦର୍‌ର ସୁରକ୍ଷା ଭିଲ୍ ବଢ଼ାଯାଇକରି ପେଟ୍ରୋଲିଂ କଡ଼ାକଡ଼ି କରାଯାଇଛେ ।

ସେଆଡ଼େ ପୁରୀ ସହର୍ ଆଉ ଶ୍ରୀମନ୍ଦିର୍ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ । ଶ୍ରୀମନ୍ଦିର୍ ଚାର୍‌ହିଆଡ଼େ ସୁରକ୍ଷା ବାହିନୀ ପଇଁତରା ମାରୁଛନ୍ । ଗଲାରାତିନୁ ସହରର୍ ସବୁଆଡ଼େ ଜୋର୍‌ଦାର୍ ଯାଂଚ୍ କରାଯାଉଛେ । ଆତଙ୍କବାଦୀ ଆକ୍ରମଣ୍ ବିଫଲ୍ କର୍‌ବାର୍‌କେ ସବୁ ହୋଟେଲ୍ ମାନ୍‌କୁ ଭିଲ୍ ଚଢ଼ଉ କରାଯାଉଛେ । ସମୁଦ୍ରଖଁଡ଼ି ନ ଭିଲ୍ କଡ଼ା ପେଟ୍ରୋଲିଂ ଚାଲିଛେ ବଲି ପୁରୀ ଆରକ୍ଷୀ ଅଧିକ୍ଷକ୍ କହିଛନ୍ ।

ସେନ୍ତା ଇହାଦେର୍ ଥିତିକେ ନେଇକରି ସମ୍ବଲ୍‌ପୁର୍ ଜିଲ୍ଲାର୍ ହୀରାକୁଦ୍ ଡେମ୍ ନ ଭିଲ୍ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛେ । ଆଏଜ୍‌ଠାନୁ ଡେମ୍‌କେ ପର୍ଯ୍ୟଟକ୍‌ମାନ୍‌କର୍ ପ୍ରବେଶ୍ ନିଷେଧ୍ କରାଯାଇଛେ ।

ଇନ୍ଧନ୍ -ଆଇଓସିଏଲ           ଆର୍ଏନ୍ୟୁ/ ସମ୍ବଲପୁର

ଦେଶେ ଭର୍ପୁର୍ ଇନ୍ଧନ୍ ମହଜୁଦ୍ ରହିଛେ ଆର୍ ସୁରୁଖୁରୁଥି ତାର୍ ଯୋଗାଣ କାମ୍ ଚାଲିଛେ ବଲି ଭାରତୀୟ ତୈଲ ନିଗମ୍-ଆଇଓସିଏଲ୍ ତର୍ଫୁ କୁହାଯାଇଛେ । ଇନ୍ଧନ୍ ଯୋଗାଣଥି କିଛି ଅସୁବିଧା ନାଇଁ ହୁଏ ଆଉ ଲୁକେ ଡରିକରି ଅଯଥା ଅଏତ୍କା ତେଲ୍ ନାଇଁ ଘିନୁନ୍ ବଲି ଆଇଓସିଏଲ୍ ତର୍ଫୁ ଅନୁରୋଧ୍ କରାଯାଇଛେ ।

ପ୍ରଧାନ୍ମନ୍ତ୍ରୀ ସୁରକ୍ଷା ବୀମା ଯୋଜ୍ନା     ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ସୁରକ୍ଷା ବୀମା ଯୋଜ୍ନାକେ ଆଏଜ୍ ୧୦ ବଛର୍ ପୁରିଛେ । ଯୋଜ୍ନାଥି ପ୍ରଧାନ୍ମନ୍ତ୍ରୀ ଜୀବନ୍ଜ୍ୟୋତି ବୀମା ଯୋଜ୍ନା, ପ୍ରଧାନ୍ମନ୍ତ୍ରୀ ସୁରକ୍ଷା ବୀମା ଯୋଜ୍ନା ଆଉ ଅଟଲ୍ ପେନ୍ସନ୍ ଯୋଜ୍ନା ବାଗିର୍ ୩ ଟା ସାମାଜିକ ସୁରକ୍ଷା ଯୋଜ୍ନା ସାମିଲ୍ ରହିଛେ । ୨୦୧୫ ମେ ମାସର୍ ୧୫ ତାରିଖ୍ ଆଝିରର୍ ଦିନେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର କୋଲ୍କାତାଠାନେ ଯୋଜ୍ନାର୍ ଶୁଭାରମ୍ଭ କରିଥିଲେ । ନାଗରିକ୍ମାନ୍କର୍ କଲ୍ୟାଣ୍ ଲାଗି ତିଆର୍

ହେଇଥିବା ଇ ଯୋଜ୍ନା ସେମାନ୍କୁ ଅସୁବିଧା ସମିଆଥି ଆଉ ଆର୍ଥିକ୍ ଅନିର୍ଣ୍ଣିତତାନୁ ସୁରକ୍ଷା ଦଉଛେ । ଯୋଜ୍ନାଥି ଗଲା ମାର୍ଚ୍ଚ ୧୯ ତାରିଖ୍ତକ୍ ୫୦ କୋଟି ୫୪ ଲାଖ୍ ଲୋକ୍ ପଞ୍ଜିକୃତ ହେଇସାରିଛନ୍ ।

ଓଡ଼ିଶା ଭିଜନ୍ ଡକ୍ୟୁମେଂଟ୍-ପରାମର୍ଶ କର୍ମଶାଳା

ଭୁବନେଶ୍ୱର୍ ସମ୍ବାଦଦାତା

୨୦୩୬ ମସିହାତକ୍ ରାଜ୍ୟର୍ ଅର୍ଥନୀତି ୫ ଶହ ବିଲିୟନ୍ ଡଲାର୍ ଛୁଇଁବା ଆର୍ ୨୦୪୭ ତକ୍ ଇଟା ୧ ଦଶ୍ମିକ୍ ୫ ଟ୍ରିଲିୟନ୍ ଡଲାର୍ଥି ପୁହୁଁଚିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍ନେଶ୍ୱର୍ ନ ଓଡ଼ିଶା ଭିଜନ୍ ଡକ୍ୟୁମେଂଟ୍ - ୨୦୩୬ ଆଉ ବିକଶିତ୍ ଭାରତ୍, ବିକଶିତ୍ ଓଡ଼ିଶା ଲାଗି ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳା ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ୨୦୩୬ ମସିହାତକ୍ ରାଏଜେ ନିଯୁକ୍ତି ସୁଯୋଗ୍ ୧ କୋଟି ଟପ୍ବା । ରାଏଜେ ବନ୍ଦର୍ ଆର୍ ଖଣି କ୍ଷେତ୍ରଥି ସର୍କାର୍ ଆଗ୍କେ ବଢ଼୍ବାର୍ ସଙ୍ଗେ ତାର୍ ଭିତିଭୂମି ବର୍କସ୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । କାର୍ଯ୍ୟକ୍ରମ୍ଥି ରାଜସ୍ୱ ମନ୍ତ୍ରୀ ଆଉ ଯୋଗାଣମନ୍ତ୍ରୀ ଭିଲ୍ ଉପସ୍ଥିତ୍ ଥିଲେ ।

ନୂଆଁ ଅବକାରୀ ନୀତି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ଇ ମାସର୍ ଶେଷ୍ ତକ୍ ନୂଆଁ ଅବକାରୀ ନୀତି ଆନ୍‌ବେ ବଲି ଅବକାରୀମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ୍, ଇ ନୂଆଁ ନୀତିର ବୈଧତା ୩ ବଛର୍‌ତକ୍ ରହେବା । ଅବକାରୀ ନୀତିର ଚିଠା ତିଆରି ଶେଷ୍ ଖେପେ ପୁହୁଁଚିଛେ । ଭିନ୍ ଭିନ୍ ପକ୍ଷ ସାଙ୍ଗେ ଆଲୋଚନା କରିକରି ଖୋବ୍ ଜଲ୍‌ଦି ନୀତିକେ କାର୍ଯ୍ୟକାରୀ କରାଯିବା ବଲି ଅବକାରୀମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଅବକାରୀ ବିଭାଗ୍- ପାନୀୟ ନିଗମ୍ ବୁଝାମଣାପତ୍ର

ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଅବକାରୀ ଆଉ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ଉପସ୍ଥିତିଥି ଆଏଜ୍ ଓଡ଼ିଶା ରାଜ୍ୟ ପାନୀୟ ନିଗମ୍ ଆର୍ ଅବକାରୀ ବିଭାଗ୍ ଭିତ୍‌ରେ ଭିନ୍ ଭିନ୍ ଚୁକ୍ତି ସ୍ୱାକ୍ଷରିତ୍ ହେଇଛେ । ଇ ଅବ୍‌ସରେ ନିଗମ୍ କାର୍ଯ୍ୟାଲୟ ଠାନେ ସେଂଟ୍ରାଲ୍ ସିସିଟିଭି ମନିଟରିଂ ସିଷ୍ଟମ, ଅଟୋ ଇଂଟେଣ୍ଡିଙ୍ଗ ଅନୁମୋଦନ୍ ସିଷ୍ଟମ୍ ଆର୍ ନିଗମ୍‌ର ସର୍‌କାରୀ ଟ୍ରେଜେରୀ

ସଙ୍ଗେ ସଂଯୋଗୀକରଣ୍ ବ୍ୟବସ୍ଥାକେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ନିଗମ୍ ତର୍‌ଫୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକେ ୧୨ କୋଟି ସଙ୍ଗେ ଅନ୍ତରିଣ ଲାଭାଂଶୁ ୨୫ କୋଟି ଆଉ ବାର୍ଷିକ ଲାଭାଂଶୁ ୧୪ କୋଟି ଟଙ୍କା ଦିଆଯାଇଛେ ।

ରଥଯାତ୍ରା ପ୍ରସ୍ତୁତି ବୈଠକ      ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ରଥଯାତ୍ରା ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଯୋଗ୍ ଦେଇକରି ପରମ୍ପରା ଅନ୍‌ସାରେ ଆର୍ ଶୃଙ୍ଖଲିତ୍ ଭାବେ ରଥଯାତ୍ରା କର୍‌ବାର୍‌କେ ଜୋର୍ ଦେଇଥିଲେ । ଯାତ୍ରା ସମିଆଥି ଆଇନ୍ ଶୃଙ୍ଖଲା ନିୟନ୍ତ୍ରଣ, ଆମ୍ବୁଲେନ୍ସ, ଡାକ୍ତର୍, ପରିମଳ ବ୍ୟବସ୍ଥା, ପିଇବାର୍ ପାଏନ୍, ଲାଇନ୍ ବ୍ୟବସ୍ଥା ଠିକ୍ ଭାବେ କର୍‌ବାର୍ ଲାଗି ଅଧିକାରୀ ଆଉ ଜନପ୍ରତିନିଧି ମାନେ ଆଲୋଚନା କରିଥିଲେ ।

ଆଇପିଏଲ୍ ବାତିଲ୍      ଏନ୍‌ଏସ୍‌ଡି

ଦେଶେ ଲାଗି ରହିଥିବା ଅସ୍ଥିରତା ଲାଗି ଆଇପିଏଲ୍ କ୍ରିକେଟ୍ - ୨୦୨୫ ର ମେଚ୍ ମାନ୍‌କୁ ଆଏବା ହପ୍ତେତକ୍ ବାତିଲ୍ କରିଦିଆଯାଇଛେ । ଖେଲାଲି ଆଉ ଲୁକ୍‌କର୍ ସୁରକ୍ଷାକେ ନଜର୍‌ଥି ରଖିକରି ଇ ପଦକ୍ଷେପ୍ ନିଆଯାଇଥିବା ବିସିସିଆଇ ତରଫୁ ସୂଚ୍‌ନା ଦିଆଯାଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା, ନୂଆପଡ଼ା, କଲାହାଣ୍ଡି, ବର୍‌ଗଡ୍, ବଲାଙ୍ଗିର୍ ଆର୍ ସୁନ୍ଦର୍‌ଗଡ୍ ସହେତେ ରାଜ୍ୟର୍ ୧୧ ଜିଲ୍ଲା ନ ଆଏବା ୨୪ ଘଂଟା ଭିତ୍‌ରେ  ଘଡ୍‌ଘଡ଼ି ଧୁକାଗର୍ଡ଼ି ଆର୍ ହଲ୍‌କା ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ସେନ୍ତା ସମୁଦ୍ରଖଁଡ଼ି ଇଲାକା ସହେତେ ୧୧ ଟା ଜିଲ୍ଲା ନ ଗରମ୍ ଆର୍ ଗୁଲ୍‌ଗୁଲି ବଢ଼୍‌ବା । ଆଏବା ହପ୍ତାନୁ ୩ ନୁ ୫ ଡିଗ୍ରୀତକ୍ ତାତି ବଢ଼ିପାରେ  ବଲି ପାଣିପାଗ କେନ୍ଦ୍ର ସତର୍କ କରିଛେ ।